# ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼

ବିଜ୍ଞପ୍ତି

୯୪୦୮

ନଂ. [redacted] ତା.୧୯.୧୨.୨୦୨୪

ବରଗଡ ଧନୁଯାତ୍ରା ନିମନ୍ତେ ଜର୍ଜ ହାଇସ୍କୁଲ ପଡିଆରେ ଠେଲା ଦୋକାନ ପାଇଁ ଏହି ବିଜ୍ଞପ୍ତି ମାଧ୍ୟମରେ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ସର୍ତ୍ତାବଳୀ ସହ ଫର୍ମ ଯୋଗେଇ ଦିଆଯିବ ।

ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟରେ ଅଫିସ ସମୟ ମଧ୍ୟରେ (ସକାଳ ୧୦. ୩୦ ଘଟିକାରୁ ଅପରାହ୍ନ ୪ ଘଟିକା ସୁଦ୍ଧା) ତା.୧୯.୧୨.୨୦୨୪ ଠାରୁ ତା.୨୩.୧୨.୨୦୨୪(ଛୁଟିଦିନ ବ୍ୟତିତ) ଠେଲା ଦୋକାନ ପାଇଁ ଟ. ୧୦. ୦୦ (ଦଶ ଟଙ୍କା ମାତ୍ର) ବିନିମୟରେ ଫର୍ମ ଓ ସର୍ତ୍ତାବଳୀ ଯୋଗେଇ ଦିଆଯିବ । ଇଚ୍ଛୁକ ବ୍ୟକ୍ତି ମାନେ ପ୍ଲାନ ଏବଂ ସର୍ତ୍ତାବଳୀ ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଦେଖିପାରିବେ ।

ଉକ୍ତ ଫର୍ମ ଓ କାଗଜପତ୍ର ପୂରଣ କରି, ଏକ ଜଉମୁଦ ଲଫାପାରେ ପୂରାଇ ତା.୧୯.୧୨.୨୦୨୪ ରିଖ ସକାଳ ୧୦. ୩୦ ଘଟିକା ଠାରୁ ତା.୨୩.୧୨.୨୦୨୪ ରିଖ ଅପରାହ୍ନ ୪.୩୦ ଘଟିକା ମଧ୍ୟରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ନିର୍ଦ୍ଦିଷ୍ଟ ବାକ୍ସରେ ପକାଇବେ । ତାହା ସମସ୍ତଙ୍କ ଉପସ୍ଥିତିରେ ତା. ୨୩.୧୨.୨୦୨୪ ରିଖ ଅପରାହ୍ନ ୫.00 ଘଟିକା ସମୟରେ ଖୋଲାଯାଇ ନିୟମାନୁଯାୟୀ ଚୁକ୍ତି ସମ୍ପାଦନ କରାଯିବ । ଯଦି ଉକ୍ତ ଦିନ ଏହି ପ୍ରକ୍ରିୟା ଚୂଡାନ୍ତ ହୋଇପାରିବ ନାହିଁ ତେବେ, ଦ୍ବିତୀୟ ଦିବସ ତା. ୨୪.୧୨.୨୦୨୪ ରିଖ ଅପରାହ୍ନ ୫.00 ଘଟିକା ସମୟରେ ଏହି ପ୍ରକ୍ରିୟା ଚୂଡାନ୍ତ କରାଯିବ । ପ୍ରକାଶ ଥାଉକି, କୌଣସି କାରଣ ନ ଦର୍ଶାଇ ଯେ କୌଣସି ପକ୍ଷଙ୍କ ଡାକ ମୂଲ୍ୟକୁ କିମ୍ବା ସମ୍ପୂର୍ଣ୍ଣ ପ୍ରକ୍ରିୟା କୁ ରଦ୍ଦ କରିବାର କ୍ଷମତା ଅଧିକାରୀଙ୍କର ରହିଅଛି । ସବିଶେଷ ବିବରଣୀ ଜିଲ୍ଲା Website-http://baragarh.odisha.gov.in ରେ ମଧ୍ୟ ଉପଲବ୍ଧ ହେବ ।

ପ୍ରସନ୍ନ କୁମାର ପାଣ୍ଡେ ୧୯.୧୨.୨୪

ଉପ-ଜିଲ୍ଲାପାଳ ତଥା ଆବାହକ
ଜମି-ଆବଣ୍ଟନ କମିଟି,
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼

## ସର୍ତ୍ତାବଳୀ

ଧନୁଯାତ୍ରାରେ ଠେଲା ଦୋକାନୀ ନିମନ୍ତେ ସ୍ଥାନ ପାଇଁ ଆବେଦନ କରିବାର ସର୍ତ୍ତାବଳୀ :-

୧- ଠେଲା ଦୋକାନ ପାଇଁ ଆବେଦନକାରୀ ଟ.୧୦/-(ଦଶ ଟଙ୍କା) ବିନିମୟରେ ଫର୍ମ ପାଇପାରେବେ ଯାହା ଫେରସ୍ତ ହେବନାହିଁ ।

୨- ଠେଲା ଦୋକାନ ପାଇଁ ବର୍ଗ ଫୁଟ ପିଛା ଟ. ୫୦/-( ପଚାଶ ଟଙ୍କା) ଦରରେ ୧୦୦ ବର୍ଗ ଫୁଟ ପାଇଁ ଆବେଦନ କରିପାରିବେ ।

୩- Food License ଥିବା ବ୍ୟକ୍ତି କେବଳ ଆବେଦନ କରିପାରିବେ ଓ ତାଙ୍କୁ ପ୍ରାଧାନ୍ୟ ଦିଆଯିବ।

୪- Street Vender License ଥିବା ବ୍ୟକ୍ତି କେବଳ ଆବେଦନ କରିପାରିବେ ଓ ତାଙ୍କୁ ପ୍ରାଧାନ୍ୟ ଦିଆଯିବ।

୫- ଯଦି କୌଣସି ମଧ୍ୟସ୍ଥ ମାଧ୍ୟମରେ ଠେଲା ଗୁଡିକୁ sub-let/sub-lease ଦ୍ୱାରା ଆବଣ୍ଟନ କରାଯାଇଥିବା ସମ୍ବନ୍ଧରେ ପ୍ରମାଣ ମିଳେ ତେବେ ଉଭୟ ଠେଲା ଧାରୀ ଓ ମଧ୍ୟସ୍ଥଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

୬- ପ୍ରାପ୍ତ ହେବାକୁ ଥିବା ଜାଗାରେ କେବଳ ଠେଲା Chair/Stool ସହ ଅନୁନ୍ୟ ୮/ ୧୦ ଫୁଟ୍ ଉଚ୍ଚରେ ଫୋଲଡିଂ ଛତା ବ୍ୟବହାର କରିପାରିବେ ।

୭- ଥରେ ଠେଲା ଦୋକାନ ଆବଣ୍ଟନ ହେବାପରେ ଦୋକାନୀ ଏହାକୁ ଅନ୍ୟକାହାକୁ ସବ୍-ଲେଟ୍ କରିପାରିବେ ନାହିଁ ।

୮- ସ୍ୱତନ୍ତ୍ର ସ୍କ୍ୱାଡ଼ (Squard) ଦ୍ୱାରା ଠେଲା ଦୋକାନୀମାନଙ୍କର ପରିଚୟ ବିଭିନ୍ନ ସମୟରେ ଯାଞ୍ଚ କରାଯିବ । ଯଦି sub-let ହୋଇଥିବା ପ୍ରମାଣ ମିଳେ ତେବେ ଉପରୋକ୍ତ ଠେଲା ଦୋକାନୀଙ୍କୁ ସେଠାରୁ ବିନା କ୍ଷତିପୂରଣରେ ବେଦଖଲ କରାଯିବ ।

୯- ଠେଲାମାନେ ନିଜ ଦୋକାନ ପାର୍ଶ୍ୱରେ ଆବଶ୍ୟକ ସଂଖ୍ୟକ ଡଷ୍ଟବିନ୍ ରଖିବାପାଇଁ ବାଧ୍ୟତା ମୂଳକ । ପ୍ରତି ଡଷ୍ଟବିନ୍ ଦେହରେ ଠେଲା ନମ୍ବର ଲେଖାଥିବା କାଗଜ ଅଠାମାଧ୍ୟମରେ ଲଗାଇବେ ।

୧୦- ଯାତ୍ରାକୁ ଧୂଳିମୁକ୍ତ/ ପ୍ରଦୂଷଣ ରହିତ କରିବା ଉଦ୍ଦେଶ୍ୟରେ ଠେଲା ଦୋକାନୀମାନେ ତାଙ୍କ ଉଦ୍ଦିଷ୍ଟ ବ୍ଲକ୍ ଗୁଡ଼ିକରେ କାର୍ପେଟ ବିଛାଇବା ନିମନ୍ତେ ପ୍ରଯତ୍ନ କରିବେ ।

୧୧- ନିଲାମଧାରୀଙ୍କ ତରଫରୁ ବିଦ୍ୟୁତ୍ ବିଭାଗ ତରଫରୁ ନିୟମାନୁଯାୟୀ ବିଦ୍ୟୁତ୍ ସଂଯୋଗ ନିଆଯିବ । ସେହିଭଳି ଅଗ୍ନିନିର୍ବାପନ ବିଭାଗ ତରଫରୁ ,R&B ବିଭାଗ ତରଫରୁ ସୁରକ୍ଷା ପ୍ରମାଣ ପତ୍ର (Safety Certificate/NOC) ହାସଲ କରାଯିବାକୁ ବାଧ୍ୟତାମୂଳକ ଅଟେ ।

୧୨- କୌଣସି ଠେଲା ଦୋକାନୀ ରାସ୍ତା ଅବରୋଧକରି କୌଣସି ନିର୍ମାଣ କିମ୍ବା ବିକ୍ରୟ କାର୍ଯ୍ୟ କରିପାରିବେ ନାହିଁ । ଏହାର ଉଲଂଘନ ହେଲେ ଦୋକାନୀଙ୍କୁ ସେହିଠାରୁ ବିନାକ୍ଷତିପୂରଣରେ ବେଦଖଲ କରାଯିବ ।

୧୩- ସମସ୍ତ ଠେଲା ଦୋକାନୀମାନେ ନିଜ ଠେଲା ର ଅଳିଆ ଆବର୍ଜନା ପକାଇବା ପାଇଁ ଏକ ବଡ଼ ଆକାରର ଡଷ୍ଟବିନ୍ ରଖିବେ ।

୧୪- ଏଥି ନିମନ୍ତେ ଧନୁଯାତ୍ରା କମିଟି ଦ୍ୱାରା ପ୍ରସ୍ତୁତ ନୂତନ ନକ୍ସା ସଂଲଗ୍ନ କରାଯାଇଅଛି ।

୧୫- ସମସ୍ତ ପ୍ରକାର ବିବାଦରେ କେବଳ ଜମିଆବଣ୍ଟନ କମିଟୀର ନିଷ୍ପତ୍ତି ଚୂଡ଼ାନ୍ତ ସର୍ବମାନ୍ୟ ହେବ । ସମସ୍ତ ଆଇନଗତ ମୋକଦ୍ଦମା ବରଗଡ଼ ଅଦାଲତରେ ହିଁ କେବଳ ବିଚାର ହେବ ।

୧୬- ଠେଲା ପାଇଁ ନିର୍ଦ୍ଦିଷ୍ଟ ଜାଗା କେବଳ ଖାଦ୍ୟ ପାଇଁ ବ୍ୟବହାର କରିପାରିବେ ।

୧୭ ନିର୍ଦ୍ଦିଷ୍ଟ ସୀମା ରୁ ଯଦି ଅଧିକ ଫର୍ମ ପ୍ରାପ୍ତ ହୁଏ ତେବେ ଲଟେରୀ ମାଧ୍ୟମରେ ଫଇସଲା କରାଯାଇ ଅଧିକାରିଙ୍କ ଆଦେଶ ସର୍ବମାନ୍ୟ ହେବ ।

## THELA

| Sl. No. | Place | Price (in Sq.Ft.) |
|---|---|---|
| 1 | GEORGE HIGH SCHOOL FIELD | Rs.50.00 |

ଉକ୍ତ ସର୍ତ୍ତାବଳୀକୁ ଗ୍ରହଣ କଲି ।

ପୂର୍ଣ୍ଣ ସ୍ୱାକ୍ଷର ..............................

ତା. ..............................

ପ୍ରସନ୍ନ କୁମାର ପାଣ୍ଡେ
ଉପ-ଜିଲ୍ଲାପାଳ ତଥା ଆବାହକ
ଜମି ଆବଣ୍ଟନ କମିଟି,
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼

# ଆବେଦନ ଫର୍ମ

**ଧନୁଯାତ୍ରା ନିମନ୍ତେ ଠେଲା ଦୋକାନ ପାଇଁ ସ୍ଥାନ ଆବଣ୍ଟନ ନିମନ୍ତେ ଆବେଦନ ପତ୍ର ।**

୧ ଆବେଦନକାରୀଙ୍କ ନାମ , ପିତାଙ୍କ ନାମ ଏବଂ ସମ୍ପୂର୍ଣ୍ଣ ଠିକଣା, ଫୋନ ନଂ. :
(ଆଧାର କାର୍ଡ / ସଂସ୍ଥା ହୋଇଥିଲେ ପ୍ରମାଣ ପତ୍ର ସଂଲଗ୍ନ କରନ୍ତୁ)

୨ ଆବେଦନକାରୀ ନିଜେ ୧୦ଫୁଟ୍ X ୧୦ଫୁଟ୍ ର ଜାଗାରେ ଠେଲା ଲଗାଇବେ (ହଁ/ନାହିଁ) :

୩ ଯଦି Street Vender License ଅଛି ତେବେ ନମ୍ବର ଦର୍ଶାନ୍ତୁ । :
(ପ୍ରମାଣପତ୍ର ସଂଲଗ୍ନ କରନ୍ତୁ)

୪ ଯଦି Food License ଅଛି ତେବେ ନମ୍ବର ଦର୍ଶାନ୍ତୁ । :
(ପ୍ରମାଣପତ୍ର ସଂଲଗ୍ନ କରନ୍ତୁ)

୫ ପ୍ରାପ୍ତ ହେବାକୁ ଥିବା ଜାଗାକୁ ଅନ୍ୟକୁ ସବ୍-ଲିଜ୍ ରେ ଦେବାର ପ୍ରସ୍ତାବ ଅଛି କି (ଯଦି ହଁ ତେବେ ତାଙ୍କ ନାମ, ପିତାଙ୍କ ନାମ ଓ ଠିକଣା ।) :

୬ ପ୍ରାପ୍ତ ହେବାକୁ ଥିବା ଜାଗାରେ କେବଳ ଠେଲା Chair/Stool ସହ ଅନୁନ୍ୟ ୮/ ୧୦ ଫୁଟ୍ ରେ ଫୋଲଡିଂ ଛତା ରଖିପାରିବେ । :

୭ ଡଷ୍ଟବିନ୍ ବ୍ୟବହାର ପାଇଁ ବାଧ୍ୟତାମୂଳକ ଅଟେ । :

୮ ପ୍ରାପ୍ତ ଜାଗାରୁ ନିର୍ଗମନ ହେଉଥିବା ଆବର୍ଜନା ତଥା ଜାଗାକୁ ନିଜ ଦ୍ୱାରା ସଫା କରିବେ । :

୯ ଫର୍ମକ୍ରୟର ରସିଦ ନମ୍ବର ଓ ତାରିଖ ଦର୍ଶାନ୍ତୁ । :

ତାରିଖ :

ସ୍ଥାନ : ଆବେଦନକାରୀଙ୍କ ସ୍ୱାକ୍ଷର

**ଘୋଷଣା**

ଏତଦ୍ ଦ୍ୱାରା ମୁଁ ଘୋଷଣା କରୁଅଛି ଯେ, ମୁଁ ସମସ୍ତ ସର୍ତ୍ତାବଳୀ ଓ ଲେ-ଆଉଟ୍ ପ୍ଲାନକୁ ଉଲଂଘନ କରିବି ନାହିଁ , ଅନ୍ୟଥା ମୋର ସମସ୍ତ ଜମାରାଶି ରଦ୍ଦ ହେବ ଏବଂ ପ୍ରାପ୍ତ ହୋଇଥିବା ସ୍ଥାନକୁ ଜମି ଆବଣ୍ଟନ କମିଟି (Land Allotment Committee) ନିଜ ହାତକୁ ନେଇପାରିବେ।

ଆବେଦନକାରୀଙ୍କ ସ୍ୱାକ୍ଷର




19.12.24.
Convenor
Land Allotment Committee
Dhanuyatra Mahotsav Samiti, Bargarh